# NATIONAL NEWS BULLETIN (ODIA)

**14 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସେମିକଣ୍ଡକ୍ଟର ଡିଜାଇନ୍ ନିର୍ମାଣ ଓ ପରୀକ୍ଷଣ କ୍ଷେତ୍ରରେ ବିଶ୍ୱସ୍ତ ସହଭାଗୀ ହେବାକୁ ଲକ୍ଷ୍ୟ ରଖିଛି ଭାରତ, କହିଲେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

- ୨୦୧୫ରୁ ୨୦୨୪ ମଧ୍ୟରେ ଦେଶରେ ୨୧ ପ୍ରତିଶତ ହ୍ରାସ ପାଇଛି ଯକ୍ଷ୍ମା ସଂକ୍ରମଣ ମାମଲା

- ସ୍ଥିର ଏବଂ ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ ଦିଗରେ ଭାରତ ଓ ଆସିଆନର ପ୍ରତିବଦ୍ଧତା ବିଷୟ ପ୍ରକାଶ କଲେ ପ୍ରତିରକ୍ଷାମନ୍ତ୍ରୀ

- ୪ ବର୍ଷ ମଧ୍ୟରେ ୩୮ଟି ବିକଶିତ ରାଷ୍ଟ୍ର ସହ ଭାରତ ସ୍ୱାକ୍ଷର କରିଛି ବାଣିଜ୍ୟିକ ଚୁକ୍ତି

ଏବଂ

- ହାଇଦ୍ରାବାଦଠାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଭାରତ - ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚତୁର୍ଥ ଟି-୨୦ କ୍ରିକେଟ୍ ମ୍ୟାଚ୍

---

## ବୈଷ୍ଣବ-ସେମିକଣ୍ଡକ୍ଟର

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳ କ୍ଷେତ୍ରରେ

ବିଶ୍ୱାସ ଏବଂ ସାଇବର ଶୃଙ୍ଖଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବ୍ଲୁମବର୍ଗ ନିଉ ଇକୋନୋମି ଫୋରମ୍‌ରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ସେମିକଣ୍ଡକ୍ଟର ଡିଜାଇନ, ନିର୍ମାଣ ଏବଂ ପରୀକ୍ଷଣ କ୍ଷେତ୍ରରେ ଭାରତ ଏକ ବିଶ୍ୱସ୍ତ ସହଭାଗି ହେବାକୁ ଲକ୍ଷ୍ୟ ରଖିଛି । ଶ୍ରୀ ବୈଷ୍ଣବ ନିରନ୍ତର ଉତ୍ପାଦନ କ୍ଷେତ୍ରରେ ଏକ ସଂପୂର୍ଣ୍ଣ ଇକୋ ସିଷ୍ଟମ୍‌ର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମୋବାଇଲ୍ ଶିଳ୍ପ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ମଡ୍ୟୁଲ ଏବଂ ଏହାର ବିଭିନ୍ନ ଅଂଶ ନିର୍ମାଣ ପୂର୍ବରୁ ଭାରତ ମୋବାଇଲ୍ ଆସେମ୍ବ୍ଲି ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ଏବେ ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ରପ୍ତାନୀ ଲାଗି ଦେଶରେ ମୋବାଇଲ୍ ଯନ୍ତ୍ରାଂଶ ମଧ୍ୟ ନିର୍ମାଣ କରାଯାଉଛି । ସେ କହିଛନ୍ତି, ସେମିକଣ୍ଡକ୍ଟର, ରେଳବାଇ ଏବଂ ପ୍ରତିରକ୍ଷା ବିନିର୍ମାଣ ଇକୋସିଷ୍ଟମ କ୍ଷେତ୍ରରେ ସମାନ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ତା'ର ଅର୍ଥନୀତିକୁ ଦୃଢ଼ କରୁଛି । ସେ କହିଛନ୍ତି, ଭାରତର ସାଧାରଣ ଋଣରୁ ଆନୁପାତିକ ଜିଡିପି ହାର ଗତ ୫ ବର୍ଷ ମଧ୍ୟରେ ୬୧ ପ୍ରତିଶତରୁ ୫୫ ପ୍ରତିଶତକୁ ହ୍ରାସ ପାଇଛି । ସରକାର ଘରୋଇ ଅର୍ଥନୀତିକୁ ଦୃଢ଼ କରିବା ସହ ବିଶ୍ୱ ଅସ୍ଥିରତା ସମୟରେ ଏହାକୁ ସ୍ଥିର କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରୁଛି ।

## ପ୍ରେଜ୍-ଆନ୍ଧ୍ରପ୍ରଦେଶ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇ ଦିନିଆ ଆନ୍ଧ୍ରପ୍ରଦେଶ ଗସ୍ତରେ ଯାଇ ବିଜୟୱାଡ଼ାରେ ପହଞ୍ଚିବେ । ଆସନ୍ତାକାଲି ରାଷ୍ଟ୍ରପତି ଜାତୀୟ ସାରସ ମେଳା-୨୦୨୬କୁ ଉଦ୍‌ଘାଟନ କରିବେ । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଶ୍ରୀକନକଦୁର୍ଗା ମନ୍ଦିର ପରିଦର୍ଶନ କରି ପ୍ରାର୍ଥନା କରିବାର କାର୍ଯ୍ୟସୂଚୀ

ରହିଛି । ଆସନ୍ତାକାଲି ହେବାକୁ ଥିବା ଜାତୀୟ ସାରସ ମେଳା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଛି । ଏଥିରେ ୩୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀର ଦେଢ଼ ହଜାରରୁ ଅଧିକ ମହିଳା ଅଂଶଗ୍ରହଣ କରି ଗ୍ରାମୀଣ ଉତ୍ପାଦ, ପାରମ୍ପରିକ ହସ୍ତଶିଳ୍ପ ଓ ଆଞ୍ଚଳିକ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିବେ ।

## ଇଣ୍ଡିଆ-ଟିବି କେସେସ୍

ଭାରତରେ ୨୦୧୫ରୁ ୨୦୨୪ ମସିହା ମଧ୍ୟରେ ନୂଆ ଯକ୍ଷ୍ମା ମାମଲା ସଂଖ୍ୟା ରେକର୍ଡ ପରିମାଣର ୨୧ ପ୍ରତିଶତ ହ୍ରାସ ପାଇଛି । ବିଶ୍ୱ ସ୍ତରରେ ଏହା ୧୨ ପ୍ରତିଶତ ହ୍ରାସ ପାଇଥିବା ସୂଚନା ମିଳିଛି । ସେହି ସମୟ ମଧ୍ୟରେ ଯକ୍ଷ୍ମା ଚିକିତ୍ସା ବ୍ୟବସ୍ଥାରେ ୯୨ ପ୍ରତିଶତକୁ ସାମିଲ କରାଯାଇଥିବା ବେଳେ ବିଶ୍ୱସ୍ତରରେ ଏହା ୭୮ ପ୍ରତିଶତରେ ପହଞ୍ଚିଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ । ସରକାର ବିଭିନ୍ନ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବଳିତ ଚିକିତ୍ସା ମାଧ୍ୟମରେ ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ଉଦ୍ୟମ କରୁଛନ୍ତି । ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ୨୮ କୋଟିରୁ ଅଧିକ ଲୋକଙ୍କ ପରୀକ୍ଷା କରାଯାଇଥିବା ବେଳେ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ଯକ୍ଷ୍ମା ନିରୋଧୀ ଚିକିତ୍ସା ଯୋଗାଇ ଦିଆଯାଇଛି । ଏହି ଅଭିଯାନରେ ୫ ଲକ୍ଷ ୭୦ ହଜାର ନୂଆ ନି-କ୍ଷୟ ମିତ୍ର ସାମିଲ ହୋଇଛନ୍ତି । ଏହି ଅଭିଯାନକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା ଲାଗି ୧୧ଟି ରାଜ୍ୟର ୫୫ଟି ଜିଲ୍ଲାରେ ଜୋସ୍ ଟିମ୍ ଗଠନ କରାଯାଇଛି ।

## ପିଏମ୍-ନବରାତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରୀ ଚତୁର୍ଥ ଦିବସରେ ଆଜି ମା’ କୁଶମାନ୍ଦାଙ୍କୁ ପ୍ରାର୍ଥନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସମସ୍ତ ନାଗରିକଙ୍କ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

## ରାଜନାଥ-ଆସିଆନ୍ ଇଣ୍ଡିଆ ଡିଫେନ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଭାରତ ଏବଂ ଆସିଆନ୍‌ର ଶାନ୍ତି, ସ୍ଥିର ଏବଂ ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ ଦିଗରେ ସ୍ୱଷ୍ଟ ଇଚ୍ଛା ପ୍ରକାଶ କରିଥିବା କହିଛନ୍ତି । ଶ୍ରୀ ସିଂ ଆଜି ଆସିଆନ-ଭାରତ ପ୍ରତିରକ୍ଷା ଫୋରମକୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି, ଭାରତର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଦୃଷ୍ଟିକୋଣ ଏବଂ ଆକ୍ଟ-ଇଷ୍ଟ ପଲିସିର କେନ୍ଦ୍ରରେ ଆସିଆନ ରହିଛି ଏବଂ ଦକ୍ଷିଣ-ପୂର୍ବ ଏସିଆକୁ ସହଭାଗୀ ଭାବେ କାର୍ଯ୍ୟ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ ପାଇଛି । ଶ୍ରୀ ସିଂ କହିଛନ୍ତି, ଉଭୟ ଭାରତ ମହାସାଗର ଏବଂ ଦକ୍ଷିଣ-ପୂର୍ବ ଏସିଆର ଜଳଭାଗ ସାମୁଦ୍ରିକ କ୍ଷେତ୍ରରେ ସଂଯୋଗ ହୋଇଛି ଓ ଏହାର ନିରାପତ୍ତା ଉଭୟଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି । ୨୦୨୬କୁ ଆସିଆନ-ଭାରତ ସାମୁଦ୍ରିକ ସହଯୋଗ ବର୍ଷ ଭାବେ ଅଭିହିତ କରି ପ୍ରତିରକ୍ଷା ମନ୍ତ୍ରୀ ସାମୁଦ୍ରିକ ସତର୍କତା ଓ ସଚେତନତା ଏବଂ ସୂଚନା ଆଦାନ ପ୍ରଦାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ସାମର୍ଥ୍ୟ ଦୃଢ଼ କରିବା ବିଷୟ ଉପରେ ଆଲୋକପାତ କରିଛନ୍ତି । ଶ୍ରୀ ସିଂ ଭାରତ-ଆସିଆନ ମିଳିତ ଗବେଷଣା ଅଭିଯାନ ଲାଗି ପ୍ରସ୍ତାବ ଦେଇଛନ୍ତି, ଯାହା ସାମୁଦ୍ରିକ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ସାଇବର ଆକ୍ରମଣ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିବ ।

# ଗୋୟଲ-ଟ୍ରେଡ୍

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ଭାରତ ୩୮ଟି ବିକଶିତ ରାଷ୍ଟ୍ର ସହ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରିଛି । ନୂଆଦିଲ୍ଲୀରେ ଆଜି ବ୍ଲୁମ୍‌ବର୍ଗ ନିଉ ଇକୋନମୀ ଫୋରମ୍‌ରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଭାରତ ତା'ର ବ୍ୟବସାୟୀମାନଙ୍କ ଲାଗି ସୁଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବିଶ୍ୱସ୍ତରୀୟ ସହଭାଗୀମାନଙ୍କ ଲାଗି ଭାରତର ବଜାର ଉନ୍ମୁକ୍ତ କରିବା ନିମନ୍ତେ ଉଦ୍ୟମ କରୁଛି । ସେ କହିଛନ୍ତି, ୨୦୧୪ ପୂର୍ବରୁ ଭାରତର ବାଣିଜ୍ୟିକ ଚୁକ୍ତି ସମ୍ମିଳିତ ଅର୍ଥନୈତିକ ଜିଡିପି ପରିମାଣ ୧୦ ଟ୍ରିଲିୟନ୍ ଡଲାର ଥିବା ବେଳେ ଏବେ ଏହା ୭୦ ଟ୍ରିଲିୟନ୍ ଡଲାରକୁ ବୃଦ୍ଧି ପାଇଛି । ଶ୍ରୀ ଗୋୟଲ କହିଛନ୍ତି, ଭାରତ ଏବେ କାନାଡା, ମେକ୍ସିକୋ, ୟୁରେସିଆ ଏବଂ ଅନ୍ୟ କେତେକ ଦେଶ ସହ ବାଣିଜ୍ୟିକ ଚୁକ୍ତି ଲାଗି ଆଲୋଚନା ଜାରି ରଖିଛି ।

# ସେବା ସଂକଳ୍ପ-ସେଲା ଟନେଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି । 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି । 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି ।  ଆଜି ଆମର ସ୍ୱତନ୍ତ୍ର ଶୃଙ୍ଖଳାରେ ଆସନ୍ତୁ ଜାଣିବା, କିପରି ଭାରତର ବିକାଶ ଓ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ

ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ଅରୁଣାଚଳ ପ୍ରଦେଶରେ ଅବସ୍ଥିତ ସେଲା ଟନେଲ୍ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତୱାଙ୍ଗ ଅଞ୍ଚଳକୁ ବର୍ଷସାରା ଯାତାୟାତ ସୁବିଧା ଯୋଗାଇ ଦେଉଛି। ସୀମାନ୍ତ ସଡ଼କ ସଂଗଠନ ଦ୍ୱାରା ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ମୋଦୀ ୨୦୨୪ ମାର୍ଚ୍ଚ ୯ ତାରିଖ ଦିନ ଦେଶ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ପୂର୍ବ ହିମାଳୟର ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ପ୍ରାୟ ୧୩ ହଜାର ଫୁଟ୍ ଉଚ୍ଚତାରେ ନିର୍ମିତ ଏହି ଟନେଲ୍ ଭାରତର ଇଞ୍ଜିନିୟରିଂ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା। ପ୍ରାୟ ୮୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପରେ ଦୁଇଟି ଟନେଲ୍ ରହିଛି। ସେଗୁଡ଼ିକର ଲମ୍ବ ପ୍ରାୟ ୧ ହଜାର ୩ ମିଟର ଏବଂ ୧ ହଜାର ୫୯୫ ମିଟର। ଏହି ଟନେଲ୍ ଆସାମର ତେଜପୁର ଓ ଅରୁଣାଚଳ ପ୍ରଦେଶର ତୱାଙ୍ଗ ମଧ୍ୟରେ ସଡ଼କ ଯୋଗାଯୋଗ ସୁନିଶ୍ଚିତ କରିବାଥିବା ବେଳେ ତୁଷାରପାତ ଓ ପ୍ରତିକୂଳ ପାଣିପାଗ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

ସାମରିକ ଦୃଷ୍ଟିରୁ ମଧ୍ୟ ଏହି ଟନେଲ୍‌ର ବିଶେଷ ଗୁରୁତ୍ୱ ରହିଛି। ଏହାଦ୍ୱାରା ସୀମାନ୍ତ ଅଞ୍ଚଳକୁ ସେନାବାହିନୀ, ସାମରିକ ଉପକରଣ ଓ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଅଧିକ ସୁଗମ ହୋଇପାରୁଛି। ଅନ୍ୟପକ୍ଷରେ, ସେଲା ଟନେଲ୍ ସ୍ଥାନୀୟ ଲୋକଙ୍କ ପାଇଁ ମଧ୍ୟ ଅନେକ ସୁବିଧା ଆଣିଛି। ଉନ୍ନତ ସଡ଼କ ଯୋଗାଯୋଗ ଦ୍ୱାରା ସ୍ୱାସ୍ଥ୍ୟସେବା, ଶିକ୍ଷା, ଅତ୍ୟାବଶ୍ୟକ ସେବା ଓ ବଜାର ସହ ସଂଯୋଗ ସହଜ ହୋଇପାରିଛି।

ଏଥିସହ ପର୍ଯ୍ୟଟନ ଓ ଅନ୍ୟାନ୍ୟ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଦିଗରେ ମଧ୍ୟ ଏହା ସହାୟକ ହୋଇଛି ।

ସେଲା ଟନେଲ୍ କେବଳ ଏକ ଯୋଗାଯୋଗ ପ୍ରକଳ୍ପ ନୁହେଁ; ଏହା ଜାତୀୟ ସୁରକ୍ଷା ଓ ଆଞ୍ଚଳିକ ବିକାଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ। ଏ ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି : **V/O**

# ବୃହତ୍ତର ଭାରତ

ନୂଆଦିଲ୍ଲୀରେ ଆଜିଠାରୁ ବୃହତ୍ତର ଭାରତ ଆନ୍ତର୍ଜାତିକ ସମ୍ମିଳନୀ ଆରମ୍ଭ ହେଉଛି । 'ବିଶ୍ୱବ୍ୟାପି ଭାରତର ସାଂସ୍କୃତିକ ସଂଯୋଗ' ଶୀର୍ଷକ ଏହି ସମ୍ମିଳନୀ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଛି । ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ୫୦ଟି ଦେଶର ପ୍ରତିନିଧି, ରାଷ୍ଟ୍ରଦୂତ ତଥା ସଂସ୍କୃତି କ୍ଷେତ୍ରର ବିଶେଷଜ୍ଞ ଅଂଶଗ୍ରହଣ କରିବେ । ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଭାରତର ଐତିହାସିକ ଏବଂ ସମସାମୟିକ ସାଂସ୍କୃତିକ ସଂଯୋଗ ଉପରେ ବୈଠକରେ ଆଲୋଚନା ବୈଠକମାନ ଅନୁଷ୍ଠିତ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସ୍ୱତନ୍ତ୍ର ଭିଡ଼ିଓବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିବେ । ଚୀନ୍, ଜାପାନ, ମଙ୍ଗୋଲିଆ, ନେପାଳ ଓ ଇରାନ୍ ସମେତ ବିଭିନ୍ନ ଦେଶର ପ୍ରତିନିଧି ବୈଠକରେ ଯୋଗଦେଇ ସହଭାଗି ସାଂସ୍କୃତିକ ଐତିହ୍ୟ ଏବଂ ଆଦାନପ୍ରଦାନ ଉପରେ ମତବିନିମୟ କରିବେ । ଗ୍ରେଟର ଇଣ୍ଡିଆ ସୋସାଇଟିର ଶତବାର୍ଷିକୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି

ସୋସାଇଟି ବୃହତ୍ତର ଭାରତ ପରିଷଦ ନାମରେ ମଧ୍ୟ ପରିଚିତ । ୧୯୨୬ ଅକ୍ଟୋବର ୧୪ ତାରିଖରେ କୋଲକାତାଠାରେ ପ୍ରତିଷ୍ଠିତ ଏହି ସୋସାଇଟିର ଗୁରୁ ରବିନ୍ଦ୍ରନାଥ ଟାଗୋର ଆଧ୍ୟାତ୍ମିକ ମାର୍ଗଦର୍ଶକ ରହିଥିଲେ । ସମ୍ମିଳନୀ ଅବସରରେ ଏସିଆର ସାର୍ବଜନୀନ ସାଂସ୍କୃତିକ ଐତିହ୍ୟ ଶୀର୍ଷକ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

## କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ପୁରୁଷବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ଖେଳାଯିବ । ହାଇଦ୍ରାବାଦଠାରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ପାଞ୍ଚଟିକିଆ ସିରିଜ୍‌ରେ ଭାରତ ଏ ପର୍ଯ୍ୟନ୍ତ ୨-୧ରେ ଆଗୁଆ ରହିଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାମ୍ମୁ କାଶ୍ମୀର, ତାମିଲନାଡୁ, ଲଦାଖ, ପୁଡୁଚେରୀ ଏବଂ କରେଇକଲ୍ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ବିଭାଗ ପକ୍ଷରୁ ହରିଆଣା ସମେତ ୬ଟି ରାଜ୍ୟରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ବିଦର୍ଭ, ହିମାଚଳ ପ୍ରଭୃତି ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।